ସଏଦ ଅବ୍ଦୁଲ ଆଲମ ଏବଂ ଅନ୍ୟମାନେ

ବନାମ

ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ

15 ଏପ୍ରିଲ, 1996

[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି ବୃନ୍ଦ]

ସେବା ଆଇନ:

ଆନ୍ଧ୍ର ପ୍ରଦେଶ ରାଜ୍ୟ ଅଧସ୍ତନ ଆରକ୍ଷୀ ସେବା ନିୟମାବଳୀ: ନିୟମାବଳୀ 2(ବି), 2(ସି), 11(ସି) ଏବଂ 15 — ଉପ-ନିରୀକ୍ଷକ ପଦକୁ ପଦୋନ୍ନତି — ଯୋଗ୍ୟତା ଏବଂ ଦକ୍ଷତା ଆଧାରରେ ଚୟନ — ପରୀକ୍ଷା ଆୟୋଜିତ — ଆରକ୍ଷୀ ସ୍ଥାୟୀ ଆଦେଶ ପରବର୍ତ୍ତୀ ସମୟରେ ବରିଷ୍ଠତା-ସହ-ଉପଯୁକ୍ତତାକୁ ମାନଦଣ୍ଡ ଭାବରେ ସ୍ଥିର କରି ସଂଶୋଧିତ — ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ — ପଦାବନତି ପାଇଁ "ଶେଷରେ ଆସିଥିବା ପ୍ରଥମେ ଯିବେ" ସିଦ୍ଧାନ୍ତକୁ ଅନୁସରଣ କରିବାକୁ ନିର୍ଦ୍ଦେଶ — ଏହା ସହିତ ଯେଉଁମାନେ ପରୀକ୍ଷାରେ ସଫଳ ହୋଇଛନ୍ତି ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯିବାରେ ଯୋଗ୍ୟ ଭାବେ ଗଣ୍ୟ କରିବାକୁ ନିର୍ଦ୍ଦେଶ —ନିଷ୍ପତ୍ତି: ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶଗୁଡ଼ିକୁ ପାଳନ କରାଯିବ। କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ହେଲେ, ରାଜ୍ୟ ସରକାର ପ୍ରଶାସନିକ ନ୍ୟାୟାଧିକରଣଙ୍କୁ ଆଗୁଆଁ ହୋଇ ଆବଶ୍ୟକ ସ୍ପଷ୍ଟୀକରଣ ମାଗିପାରିବେ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 7511–13 ର 1996।

ହାଇଦ୍ରାବାଦରେ ଅବସ୍ଥିତ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଓ.ଏ.ସଂଖ୍ୟା 5733 ଏବଂ 503 ର 1995 ରେ 19.12.95 ତାରିଖରେ ପ୍ରଦତ୍ତ ରାୟ ଓ ଆଦେଶରୁ ।

ଏଲ ଏନ ରାଓ ଏବଂ ଏସ ୟୁ କେ ସାଗର, ଆବେଦନକାରୀଙ୍କ ପକ୍ଷରେ।

ଜି ପ୍ରଭାକର, ଉତ୍ତରଦାତାଙ୍କ ପକ୍ଷରେ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ବତନ୍ତ୍ର ଅନୁମତି ଦିଆଗଲା।

ଉଭୟ ପକ୍ଷର ବରିଷ୍ଠ ଅଧିବକ୍ତାମାନଙ୍କୁ ଶୁଣାଗଲା।

ଏହି ସ୍ବତନ୍ତ୍ର ଅନୁମତି ଆଧାରିତ ଆବେଦନମାନେ 19 ଡିସେମ୍ବର, 1995 ତାରିଖରେ ଓ.ଏ.ସଂଖ୍ୟା 5733 ର 1995 ଏବଂ ଓ.ଏ.ସଂଖ୍ୟା 505 ର 1995 ରେ ପ୍ରଶାସନିକ

ନ୍ୟାୟାଧିକରଣଙ୍କ ଆଦେଶରୁ ଉପୃନ୍ନ ହୋଇଛି ଏବଂ ସେହିପରି 28 ଡିସେମ୍ବର, 1995 ତାରିଖରେ ଓ.ଏ.ସଂଖ୍ୟା 7111 ର 1995 ର ଆଦେଶରୁ ମଧ ଉପୃନ୍ନ ହୋଇଛି। ଅବିବାଦିତ ତଥ୍ୟଗୁଡ଼ିକ ହେଉଛି ଯେ, ଆନ୍ଧ୍ର ପ୍ରଦେଶ ରାଜ୍ୟ ଅଧସ୍ଥନ ଆରକ୍ଷୀ ସେବା ନିୟମାବଳୀ ପୋଲିସ ବିଭାଗର ଅଧସ୍ଥ କର୍ମଚାରୀମାନଙ୍କ ନିଯୁକ୍ତି ପାଇଁ ଲାଗୁ ହୁଏ। ନିୟମାବଳୀ 2(ବି) ଅନୁସାରେ ଯୋଗ୍ୟତା ଏବଂ ଦକ୍ଷତା ଆଧାରରେ ଚୟନ କରାଯିବ ଏବଂ ଯେଉଁଠାରେ ଯୋଗ୍ୟତା ଏବଂ ଦକ୍ଷତା ପ୍ରାୟ ସମାନ ହୁଏ, ସେଠାରେ ମାତ୍ର ବରିଷ୍ଠତାକୁ ବିଚାର କରାଯିବ। ଏହାର କାର୍ଯ୍ୟାନୁଷ୍ଠାନରେ, ପୋଲିସ ମହାନିର୍ଦ୍ଦେଶକ ଏବଂ ତାଙ୍କ ଅଧସ୍ଥମାନେ 30% ଆରକ୍ଷିତ କୋଟାରେ ମୁଖ୍ୟ କନଷ୍ଟେବଲମାନଙ୍କୁ ଉପ-ନିରୀକ୍ଷକ ପଦକୁ ପଦୋନ୍ନତି ପାଇଁ ଲିଖିତ ପରୀକ୍ଷା ଆୟୋଜନ କରିଥିବା ପ୍ରତୀତ ହୁଏ। କିଛି ଆବେଦନକାରୀ ସହିତ ପ୍ରାର୍ଥୀମାନେ ଏହି ପରୀକ୍ଷାରେ ଯୋଗଦେଇଥିଲେ ଏବଂ ସେମାନେ ପରୀକ୍ଷାରେ ସଫଳ ହୋଇଥିବା ପ୍ରତୀତ ହୁଏ। ନିୟମାବଳୀ ଅନୁସାରେ ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯିବା ଆବଶ୍ୟକ ଥିଲା ଏବଂ ପ୍ରଶିକ୍ଷଣ ସମାପ୍ତ ପରେ ସେମାନଙ୍କୁ ସ୍ଥାୟୀ ଭାବରେ ନିଯୁକ୍ତ କରାଯିବାକୁ ଥିଲା।ଏହି ମଧ୍ୟରେ, ଉତ୍ତରଦାତାମାନେ 17 ଅକ୍ଟୋବର, 1991 ତାରିଖର ଜି. ଓ. ଏମ୍ଏସ.ସଂଖ୍ୟା 585 ଜାରି କରି ଆରକ୍ଷୀ ସ୍ଥାୟୀ ଆଦେଶକୁ ସଂଶୋଧନ କରି ମୁଖ୍ୟ କନଷ୍ଟେବଲମାନଙ୍କୁ ଉପ-ନିରୀକ୍ଷକ ପଦକୁ ପଦୋନ୍ନତି ପାଇଁ ବରିଷ୍ଠତା-ସହ-ଉପଯୁକ୍ତତାକୁ ମାନଦଣ୍ଡ ଭାବରେ ସ୍ଥିର କରିଥିଲେ, କିନ୍ତୁ ଏହା ପାଇଁ ଆଇନଗତ ନିୟମାବଳୀର ସମାନ୍ତରାଳ ସଂଶୋଧନ କରାଯାଇନଥିଲା। ଏହାକୁ ନ୍ୟାୟାଧିକରଣରେ ଆପତ୍ତି କରାଯାଇଥିଲା। ନ୍ୟାୟାଧିକରଣ ଏହାକୁ ରଦ୍ଦ କରି ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିଥିଲେ:

> "1. ଜି. ଓ. ଏମ୍ଏସ.ସଂଖ୍ୟା 585, ଗୃହ ବିଭାଗ, ତାରିଖ 7.10.1991 ଦ୍ୱାରା PSO 107 ର ପରିବର୍ତ୍ତନକୁ ଅବୈଧ ଘୋଷଣା କରାଗଲା ।
>
> 2.1990 ମସିହାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜି. ଓ. ଏମ୍ଏସ.ସଂଖ୍ୟା 585 ଅନୁମାନରେ ପ୍ରସ୍ତୁତ ହୋଇଥିବା ମୁଖ୍ୟ କନଷ୍ଟେବଲମାନଙ୍କ ତାଲିକାକୁ ଅବୈଧ ଘୋଷଣା କରାଗଲା ଏବଂ ଏହାକୁ ଆଗକୁ କାର୍ଯ୍ୟକାରୀ କରାଯିବ ନାହିଁ। ଏହା ଏପ୍ରିଲ, 1994 ଶେଷ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପରେ ପରୀକ୍ଷାରେ ସଫଳ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିବ ନାହିଁ।
>
> 3.1992 ମସିହାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଶିକ୍ଷଣ ପାଇଁ ପଠାଇବା ନିମନ୍ତେ ପ୍ରସ୍ତୁତ ହୋଇଥିବା ମୁଖ୍ୟ କନଷ୍ଟେବଲମାନଙ୍କ ତାଲିକାକୁ ଅବୈଧ ଘୋଷଣା କରାଗଲା ଏବଂ ଏହାକୁ କାର୍ଯ୍ୟକାରୀ କରାଯିବ ନାହିଁ ।"
>
> 4.କେବଳ ସେହି ମୁଖ୍ୟ କନଷ୍ଟେବଲମାନେ, ଯେଉଁମାନେ ସମ୍ବନ୍ଧିତ ଜୋନାଲ ଅଧିକାରୀମାନଙ୍କ ଦ୍ୱାରା, ଅର୍ଥାତ୍ ଉପ-ପୋଲିସ ମହାନିରୀକ୍ଷକମାନଙ୍କ ଦ୍ୱାରା ନିୟମାବଳୀ

2(ସି) ଅନୁସାରେ ଆରମ୍ଭିକ ପରୀକ୍ଷାରେ ସଫଳ ହୋଇଛନ୍ତି, ରାଜ୍ୟର ସମସ୍ତ ମୁଖ୍ୟ କନଷ୍ଟେବଲମାନଙ୍କ ପାଇଁ ସାଧାରଣ ପ୍ରଶ୍ନପତ୍ରର ଆବଶ୍ୟକତାକୁ ବାଦ ଦେଇ, ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯିବାକୁ ଯୋଗ୍ୟ ଭାବେ ଗଣ୍ୟ କରାଯିବ ଏବଂ ଉପଲବ୍ଧ ଖାଲି ପଦଗୁଡ଼ିକ ଅନୁଯାୟୀ ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ପଠାଯିବ, ଏବଂ ପ୍ରଶିକ୍ଷଣ ସମାପ୍ତ ପରେ ନିୟମାବଳୀ 11(ସି) ଏବଂ 15 ଅନୁସାରେ ସ୍ଥାୟୀ ନିଯୁକ୍ତି ପାଇଁ ବିଚାର କରାଯିବ।

5. ଅନୁଚ୍ଛେଦ 4 ରେ ଉଲ୍ଲେଖିତ ତାଲିକା ବ୍ୟତୀତ ଅନ୍ୟ କୌଣସି ତାଲିକାରେ ସମ୍ମିଳନ କରାଯିବାରୁ, ଆଇନ ଅନୁସାରେ କିମ୍ବା ଏହି ରାୟରେ ଉଲ୍ଲେଖିତ ହୋଇଥିବା ବ୍ୟତୀତ, ଓ ଏସ ଏସ ଆଇ ଭାବେ ନିଯୁକ୍ତି କିମ୍ବା ଅବ୍ୟାହତ ରହିବା ପାଇଁ କୌଣସି ଅଧିକାର କିମ୍ବା ପ୍ରାଥମିକତା ସୃଷ୍ଟି ହେବ ନାହିଁ।

6. ଓ ଏସ ଏସ ଆଇ ଭାବେ କାର୍ଯ୍ୟରତ କୌଣସି ମୁଖ୍ୟ କନଷ୍ଟେବଲଙ୍କୁ ଅନ୍ୟ କୌଣସି ଅସ୍ଥାୟୀ ଭାବେ ନିଯୁକ୍ତ ହୋଇଥିବା ମୁଖ୍ୟ କନଷ୍ଟେବଲଙ୍କ ଦ୍ୱାରା ପରିବର୍ତ୍ତନ କରାଯିବ ନାହିଁ। ନିୟମିତ ପ୍ରାର୍ଥୀମାନଙ୍କ ନିଯୁକ୍ତି କିମ୍ବା ଅନ୍ୟ ବୈଧ କାରଣରୁ ଖାଲି ପଦ ନଥିବା ପରିସ୍ଥିତିରେ ଓ ଏସ ଏସ ଆଇ ମାନଙ୍କ ପଦାବନତି କରାଯିବାକୁ ହେଲେ, 9.2.1993 ତାରିଖର ଅନ୍ତରୀଣ ଆଦେଶ ସମୟରେ ଯେମାନେ ଓ ଏସ ଏସ ଆଇ ଭାବେ କାର୍ଯ୍ୟରତ ଥିଲେ ସେମାନଙ୍କ ମଧ୍ୟରେ ଜିଲ୍ଲାଭିତ୍ତିକ ବରିଷ୍ଠତାର ପ୍ରତିକୂଳ କ୍ରମରେ ପଦାବନତି କରାଯିବ, ଯାହାକୁ ପୋଲିସ ମହାନିର୍ଦ୍ଦେଶକ 25.2.1993 ତାରିଖର ମେମୋ ଦ୍ୱାରା ଗ୍ରହଣ କରିଥିଲେ। ସରକାର ତୁରନ୍ତ ନିୟମାବଳୀ ଅନୁସାରେ ଉପ-ନିରୀକ୍ଷକ ପଦକୁ ସିଧାସଳଖ ନିଯୁକ୍ତି ଏବଂ ପଦୋନ୍ନତି ମାଧ୍ୟମରେ ନିୟମିତ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏହା ଏହି ଆଦେଶ ପ୍ରାପ୍ତିରୁ ତିନି ମାସ ମଧ୍ୟରେ ଆରମ୍ଭ କରାଯିବ।

ଏହା ପ୍ରତୀତ ହୁଏ ଯେ କିଛି ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟକୁ ଆଗୁଆଁ ହୋଇ "ଶେଷରେ ଆସିଥିବା ପ୍ରଥମେ ଯିବେ" ସିଦ୍ଧାନ୍ତକୁ ପଦାବନତି ପାଇଁ ଅନୁସରଣ କରିବାକୁ ନିର୍ଦ୍ଦେଶ ଲାଭ କରିଥିଲେ। ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶଗୁଡ଼ିକ ଅନ୍ତିମ ହୋଇଯାଇଥିବାରୁ, ଉତ୍ତରଦାତାମାନଙ୍କ ପାଇଁ ସେଗୁଡ଼ିକୁ ପାଳନ କରିବା ଆବଶ୍ୟକ ଥିଲା। ଅନୁଚ୍ଛେଦ 4 ରୁ ସ୍ପଷ୍ଟ ହୁଏ ଯେ, ଯେମାନେ ନିୟମାବଳୀ 2(ସି) ଅନୁସାରେ ସମ୍ବନ୍ଧିତ ଜୋନରେ ଲିଖିତ ପରୀକ୍ଷାରେ ସଫଳ ହୋଇଛନ୍ତି ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ଯୋଗ୍ୟ ଭାବେ ଗଣ୍ୟ କରାଯିବ ଏବଂ ପ୍ରଶିକ୍ଷଣ ସମାପ୍ତ ପରେ ନିୟମାବଳୀ 11(ସି) ଏବଂ 15 ଅନୁସାରେ ସେମାନଙ୍କୁ ନିୟମିତ ନିଯୁକ୍ତି ପାଇଁ ସ୍ଥାୟୀକରଣ କରାଯିବ।

ଏହା ମଧ୍ୟ ପ୍ରତୀତ ହୁଏ ଯେ, ଏହି ମଧ୍ୟରେ ସରକାର 16 ନଭେମ୍ବର, 1994 ତାରିଖର ଜି. ଓ. ଏମ୍‌ଏସ.ସଂଖ୍ୟା 787 ଦ୍ୱାରା ନିୟମାବଳୀକୁ ପୂର୍ବପ୍ରଭାବୀ କରି ସଂଶୋଧନ କରିଥିଲେ। ସଂଶୋଧିତ ନିୟମାବଳୀର ଧାରା-II ରେ ନିୟମାବଳୀ 2(ବି)(i) କୁ ନିମ୍ନରୂପେ ପୁନଃରଚିତ କରାଯାଇଛି:

> "ଏହି ସେବାର ସମସ୍ତ ଅଣଗଜେଟେଡ୍ ପଦବୀଗୁଡ଼ିକୁ ପଦୋନ୍ନତି ବରିଷ୍ଠତା-ସହ-ଉପଯୁକ୍ତତା ଆଧାରରେ କରାଯିବ, ଯଦି ସେମାନେ ପରୀକ୍ଷା ପାସ୍ କରନ୍ତି, ପ୍ରଶିକ୍ଷଣ ଗ୍ରହଣ କରନ୍ତି ଏବଂ ନିୟମାବଳୀ ଓ ଆନ୍ଧ୍ର ପ୍ରଦେଶ ପୋଲିସ ମାନୁଆଲର ନିର୍ଦ୍ଦେଶାନୁସାରେ ଅନ୍ୟ ସମସ୍ତ ଶର୍ତ୍ତ ପୂରଣ କରନ୍ତି।"
>
> ଟିପ୍ପଣୀ: ଉପରୋକ୍ତ ବ୍ୟବସ୍ଥା ନିମ୍ନଲିଖିତ ପରିସ୍ଥିତିରେ ପ୍ରୟୋଗ ହେବ ନାହିଁ:
>
> (କ) କୌଣସି ସଦସ୍ୟଙ୍କର ପଦୋନ୍ନତି ଦଣ୍ଡ ସ୍ୱରୂପ ବିଳମ୍ବିତ କରାଯାଇଥିଲେ;
>
> କିମ୍ବା

(ଖ) ଯେପରିସ୍ଥିତିରେ କୌଣସି ସଦସ୍ୟଙ୍କୁ ତାଙ୍କର ଉଲ୍ଲେଖନୀୟ ଯୋଗ୍ୟତା ଏବଂ ଦକ୍ଷତାର ସ୍ୱୀକୃତି ସ୍ୱରୂପ ବିଶେଷ ପଦୋନ୍ନତି ପ୍ରଦାନ କରାଯାଇଥାଏ।

ଏହି ମାମଲାମାନଙ୍କରେ, ଆମେ ଉପରୋକ୍ତ ପରିସ୍ଥିତିସମୂହ ସହିତ ସମ୍ପୃକ୍ତ ନୁହଁ। ଆମେ ଆବେଦନକାରୀମାନଙ୍କୁ ଅସ୍ଥାୟୀ ଓ ଏସ ଏସ ଆଇ ପଦବୀରୁ ପଦାବନତି ସମ୍ପର୍କରେ ଚିନ୍ତିତ। ଯେହେତୁ ନିର୍ଦ୍ଦେଶ ସଂଖ୍ୟା 4 ଅନ୍ତିମ ହୋଇଯାଇଛି, ତେଣୁ ନିର୍ଦ୍ଦେଶ ସଂଖ୍ୟା 6 ର ଦ୍ୱିତୀୟ ଅଂଶରେ ଉଲ୍ଲେଖିତ ଭାବରେ କୌଣସି ନିଯୁକ୍ତି କରିବା ପୂର୍ବରୁ ନିର୍ଦ୍ଦେଶ ସଂଖ୍ୟା 6 କୁ ଅବଶ୍ୟ ପାଳନ କରିବା ଦରକାର। ସରକାରଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ ଯେ ସେମାନେ ଉକ୍ତ ନିର୍ଦ୍ଦେଶକୁ ପାଳନ କରିବେ ଏବଂ ଯେତେବେଳେ ପଦାବନତି କରାଯିବ, ସେତେବେଳେ ସେଥିରେ ଉଲ୍ଲେଖିତ ସିଦ୍ଧାନ୍ତକୁ ଅବଶ୍ୟ ଅନୁସରଣ କରିବେ। ଯଦି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ କୌଣସି ନିର୍ଦ୍ଦେଶ ସମ୍ପର୍କରେ ସ୍ୱଷ୍ଟତା ଆବଶ୍ୟକ ହୁଏ, ତେବେ ଉତ୍ତରଦାତାମାନେ ଉଚ୍ଚ ନ୍ୟାୟାଳୟଙ୍କୁ ଆବଶ୍ୟକ ସ୍ୱଷ୍ଟୀକରଣ ଅନୁରୋଧ କରିପାରିବେ ଏବଂ ସେହି ସ୍ୱଷ୍ଟୀକରଣ ଆଇନ ଅନୁଯାୟୀ ଭାବେ ପ୍ରଦାନ କରାଯିବ।

ଏହିପରି ଆବେଦନଗୁଡ଼ିକୁ ଅନୁମୋଦନ କରାଯାଉଛି। କୌଣସି ଖର୍ଚ୍ଚ ନାହିଁ।

ଜି . ଏନ.   ଆବେଦନଗୁଡ଼ିକ ଅନୁମୋଦିତ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ସ୍ନିଗ୍ଧା ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।